# Akashvani, Sambalpur

# SAMBALPURI NEWS BULLETIN

## 31 July 2025- 6.47- 6.52 am.

*************************************************

ଆଇନମନ୍ତ୍ରୀ-ମନ୍ଦିର ରୀତିନୀତି ସମୀକ୍ଷା I&PR

ରାଜ୍ୟ ସରକାର ପୁର୍ନା ମନ୍ଦିରମାନ୍‌କର୍ ଶୃଙ୍ଖଲିତ୍ ରୀତିନୀତି ଆଉ ସୁପରିଚାଲ୍‌ନା ଲାଗି ଖୁବ୍ ବଲ୍‌ଦି ମାର୍ଗଦର୍ଶିକା ଆନ୍‌ବେ ବଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ ସୂଚ୍‌ନା ଦେଇଛନ୍ । ଭୁବନେଶ୍ୱର ଆଇନ ବିଭାଗ ସମ୍ମିଳନୀ କକ୍ଷନ ଗଲାକାଏଲ୍ ହେଇଥିବା ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟର ପୁରାତନ୍ ମନ୍ଦିର୍‌ମାନ୍‌କର୍ ଉନ୍ନତିକରଣ, ସୁରକ୍ଷା ଆଉ ଶୃଙ୍ଖଲିତ୍ ରୀତିନୀତି ବାବ୍‌ଦେ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଆଇନ ମନ୍ତ୍ରୀ ଦେବୋତର ବିଭାଗ୍‌ର ଅଧିକାରୀମାନେ ଭିନ୍ ଭିନ୍ ଇଲାକାକେ ଯାଇକରି ପୁରାତନ୍ ମନ୍ଦିର୍‌ମାନ୍‌କର ସ୍ଥିତି ବାବ୍‌ଦେ ତଥ୍ୟ ଠୋଲ୍ କର୍‌ବେ ବଲି ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ସାଧାରଣ ଲୁକ୍‌କକୁ ଆବଶ୍ୟକ୍ ତଥ୍ୟ ଯୁଗେଇ ଦେବାର୍ ଲାଗି ଦେବୋତର କମିଶନର୍‌ଙ୍କ ୱେବ୍‌ସାଇଟ୍‌ର ଆଧୁନିକ୍‌କରଣ କର୍‌ବାର ଲାଗି ପରାମର୍ଶ ଦେଇଛନ୍ ।

## ମତ୍ସ୍ୟ ପ୍ରାଣୀ ବିଭାଗ ସମୀକ୍ଷା-      I&PR

ମାଛ, ଗୁରସ୍, ଅଣ୍ଡା ଉତ୍ପାଦନ୍‌ଥି ରାଜ୍ୟକେ ଆତ୍ମନିର୍ଭରଶୀଲ୍ କର୍‌ବାର୍‌କେ ସରକାର ଲକ୍ଷ୍ୟ ରଖିଛନ୍ ବଲି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ବିଭାଗ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ କହିଛନ୍ । ଭୁବନେଶ୍ୱର କୃଷି ଭବନ୍‌ଠାନେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କର୍ ବୈଠକ୍‌ଥି ବିଭାଗର୍ ଭିନ୍ ଭିନ୍ କାମ୍‌ର ସମୀକ୍ଷା କରି କରି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍, ରାଏଜେ ଆଏବା ୫ ବଛର୍ ଭିତ୍‌ରେ ଦୁଗ୍ଧ ଉତ୍ପାଦନ୍ ଦୁଇଗୁଣ କରାଯିବା । କାମଧେନୁ ଯୋଜ୍‌ନାଥି ୬୪ ହଜାର୍‌ନୁ ଅଏତ୍‌କା ଆବେଦନ୍ ଗ୍ରହଣ କରାଯାଇଛେ । ୨୦୨୪-୨୫ ମସିହାଥି ଦେଢ଼ କୋଟି ପ୍ରାଣୀଙ୍କର୍ ଚିକିତ୍ସା ଆଉ ୫ କୋଟିନୁ ଅଏତ୍‌କା ଟିକାକରଣ କରାଯାଇଛେ । ସବୁ ଜିଲ୍ଲାର୍ ସହରାଂଚଲ ନ ପ୍ରାଣୀ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

## ମୁଖ୍ୟ ଶାସନ ସଚିବ-ସାମ୍ବାଦିକଙ୍କର୍ ସମସ୍ୟା      I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ରାଜ୍ୟର୍ ବରିଷ୍ଠ ସାମ୍ବାଦିକ୍‌ମାନ୍‌କର ଭିନ୍ ଭିନ୍ ସମସ୍ୟା ଆଉ ତାର୍ ସମାଧାନ୍ ବାବ୍‌ଦେ ଆଲୋଚନା କରିଛନ୍ ।

ବୈଠକ୍‌ଥି ସୂଚନା ଆଉ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଭାଗର୍ ନିର୍ଦ୍ଦେଶକ୍ ଅନୁଜ କୁମାର ଦାସ ପଟ୍ଟନାୟକ ଆଉ ଅଲଗା ଅଧିକାରୀମାନେ ଉପସ୍ଥିତ ଥିଲେ । ସାମ୍ବାଦିକ୍‌ମାନ୍‌କର ସୁରକ୍ଷା ଲାଗି ଆଇନ ଆନ୍‌ବାର, ପେନ୍‌ସନ ବ୍ୟବସ୍ଥା, ମାଏନ୍‌ତା ଦେବାର ଆଉ ସେମାନେ କରୁଥିବା ଭିନ୍ ଭିନ୍ ଦାବି ପୂରଣ କର୍‌ବାର୍ ବିଷେଥି ବୈଠକ୍‌ଥି ଆଲୋଚନା କରାଯାଇଥିଲା । ସୂଚ୍‌ନା ଅନ୍‌ସାରେ ଇଛେନ୍‌କା ରାଜ୍ୟର୍ ୭ ହଜାର ୪ ଶହ ୮୭ ଝନ୍ ସାମ୍ବାଦିକଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନାଥି ସାମିଲ୍ କରାଯାଇଛେ ।

ଆର୍‌ଆଇ, ଅମିନ ପରୀକ୍ଷା ବାତିଲ- ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ-ଓଏସ୍‌ଏସ୍‌ସି ଆର୍‌ଆଇ, ଏଆର୍‌ଆଇ, ଅମିନ୍, ଆଇସିଡିଏସ୍, ଏସ୍‌ଏଫ୍‌ଏସ୍ ପ୍ରିଲିମ୍ ପରୀକ୍ଷାକେ ରଦ୍ଦ କରିଛେ । ଆଏବା ଶୁକ୍ରବାର୍‌ଠାନୁ ମୁଲ୍ ହେବାର୍‌କେ ଥିବା ମୁଖ୍ୟ ପରୀକ୍ଷାକେ ଭିଲ୍ ବାତିଲ୍ ମକରାଯାଇଛେ । ଇ ବାବ୍‌ଦେ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟକେ ଜନେଇଛନ୍ ।

ସେଆଡ଼େ ଆଏବା ୧୪ ଦିନ୍ ଭିତ୍‌ରେ ସାନି ପରୀକ୍ଷା କର୍‌ବାର୍ ଲାଗି ବିଜ୍ଞପ୍ତି ବାହାରିବା ବଲି ଆୟୋଗ୍ ତର୍‌ଫୁ କୁହାଯାଇଛେ । ମାତର୍‌କ ପରୀକ୍ଷା ଲାଗି ଫେର୍‌ଘାଏ ଆବେଦନ୍ କର୍‌ବାର୍‌କେ ନାଇ ପଡ଼େ ।

ସି ବକ୍ସ ପୋର୍ଟାଲ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଜର୍ ପରିସର୍‌ନ ହେଉଥିବା ନିର୍ଯାତନା ବାବଦ୍ ସବୁ ଅଭିଯୋଗ୍ 'ସି ବକ୍ସ' ପୋର୍ଟାଲ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଶିକ୍ଷାନୁଷ୍ଠାନ୍‌ମାନ୍‌କେ ନିର୍ଯାତନା ବାବଦ୍ ଅଭିଯୋଗ୍‌ର ଗ୍ରହଣ ଆର୍ ତାର୍ ତୁର୍‌ତି ସମାଧାନ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ । ଇଥିର୍ ଲାଗି ଝନେ ନୋଡାଲ୍ ଅଧିକାରୀ ନିଯୁକ୍ତ ହେବେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସହେତେ ଶିକ୍ଷାନୁଷ୍ଠାନ୍‌ର ଭିନ୍ ଭିନ୍ ତଥ୍ୟ ଆଏବାକାଏଲ୍‌ତକ୍ ପୋର୍ଟାଲ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ବିଭାଗ ତର୍‌ଫୁ ସବୁ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶକଙ୍କୁ କୁହାଯାଇଛେ ।

ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବା ୧୬ ତାରିଖ୍ ଦିନ ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବା ପୁନଃଚଲାଚଲ୍‌ର ଶୁଭାରମ୍ଭ କର୍‌ବେ । ଆଘୋନୁ ଚଲାଚଲ୍ ହଉଥିବା ବିମାନ୍ ସେବାର ଚୁକ୍ତି ଅବଧି ସର୍‌ବାର୍‌ନୁ ସାମୟିକ୍ ଭାବେ ଇତାକେ ବନ୍ଦ କରାଯାଇଥିଲା । ଆଏବା ୧୬ ତାରିଖ୍‌ନୁ ସିଧାସଲଖ୍ ବିମାନ୍‌ସେବା ଫେର୍‌ଘାଏ ମୁଲ୍ ହେବା । ରଏବାର୍ ଆଉ ସୋମବାର ଛଡ଼ା ହପ୍ତାକ ୫ ଦିନ ବିମାନ୍ ଚଲାଚଲ୍ କର୍‌ବା ବଲି କର୍ତୃପକ୍ଷଙ୍କ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବନ୍ଦେ ଭାରତ୍ କୋଚ୍ ବଢ଼୍‌ଲା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ-ରାଉରକେଲା ବନ୍ଦେ ଭାରତ୍ ଏକ୍ସପ୍ରେସ୍‌ର କୋଚ୍ ସଂଖ୍ୟାକେ ଦୁଇଗୁନା କରାଯାଇଛେ । ଇ ଟ୍ରେନ୍ ଆଘୋନୁ ୮ଟା କୋଚ୍‌ଥି ଚାଲୁଥିବାର୍ ବେଲେ ଆଏବା ମାସର୍ ୭ ତାରିଖ୍‌ନୁ ଇ ସଂଖ୍ୟାକେ ବଢ଼େଇକରି ୧୬  କରାଯାଇଛେ । ଯାତ୍ରୀମାନ୍‌କର ବଢ଼୍‌ତି ଚାହିଦାକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ଅଏତ୍‌କା କୋଚ୍ ଜୁଡ଼ାଯାଇଛେ ବଲି ପୂର୍ବତଟ ରେଲପଥ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସି ବକ୍ସ ପୋର୍ଟାଲ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଜର୍ ପରିସର୍‌ନ ହେଉଥିବା ନିର୍ଯାତନା ବାବଦ୍ ସବୁ ଅଭିଯୋଗ୍ 'ସି ବକ୍ସ' ପୋର୍ଟାଲ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଶିକ୍ଷାନୁଷ୍ଠାନ୍‌ମାନ୍‌କେ ନିର୍ଯାତନା ବାବଦ୍ ଅଭିଯୋଗ୍‌ର ଗ୍ରହଣ ଆର୍ ତାର୍ ତୁର୍‌ତି ସମାଧାନ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ । ଇଥିର୍ ଲାଗି ଝନେ ନୋଡାଲ୍ ଅଧିକାରୀ ନିଯୁକ୍ତ ହେବେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସହେତେ ଶିକ୍ଷାନୁଷ୍ଠାନ୍‌ର ଭିନ୍ ଭିନ୍ ତଥ୍ୟ ଆଏବାକାଏଲ୍‌ତକ୍ ପୋର୍ଟାଲ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ବିଭାଗ ତର୍‌ଫୁ ସବୁ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶକଙ୍କୁ କୁହାଯାଇଛେ ।

ଫାଇଲେରିଆ, ଡେଙ୍ଗୁ ନିରାକରଣ ପ୍ରସ୍ତୁତି/ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ଫାଇଲେରିଆ ନିରାକରଣ ଅଭିଯାନ ଆଉ ଡେଙ୍ଗୁ ନିରୋଧୀ ମାସ ପାଳନ୍ ଲାଗି ଅନ୍ତର୍ବିଭାଗୀୟ ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍‌ଙ୍କ ସମ୍ମିଳନୀ କକ୍ଷନ ହେଇଥିବା ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଳ ସଭାପତିତ୍ୱ କରିଥିଲେ । ଆଏବା ୧୦ନୁ ୧୯

ତାରିଖ୍ ଫାଇଲେରିଆ ନିରାକରଣ ଲାଗି ସାମୂହିକ୍ ଉଷୋ ଖୁଆବାର୍ ଆଉ ଡେଙ୍ଗୁ ନିରୋଧ୍ଵ ଅଭିଯାନ୍‌ର ତୟାରି ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ପାଣିପାଗ/ହୀରାକୁଦ୍ ଜଲ୍‌ଭଣ୍ଡାର୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ଵର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୧୨ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଉପର୍‌ମୁଡ଼େ ବର୍ଷା କମିଥିବାର୍‌ନୁ ଗଲାକାଏଲ୍ ଜଲ୍‌ଭଣ୍ଡାର୍‌ର ୬ ଟା ଗେଟ୍ ବନ୍ଦ୍ କରାଯାଇଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରର୍ ଜଲ୍‌ସ୍ତର୍ ୬ ଶହ ୧୦ ଦଶ୍‌ମିକ୍ ୭/୯ ଫୁଟ୍ ରହିଛେ ।